# NATIONAL NEWS BULLETIN (ODIA)

**30 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଜାମ୍ମୁକାଶ୍ମୀର ବିଧାନସଭା ନିର୍ବାଚନର ଅନ୍ତିମ ପର୍ଯ୍ୟାୟ ନିମନ୍ତେ ଆସନ୍ତାକାଲି ଭୋଟ୍‌ଗ୍ରହଣ, ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ।

- ୪ଦିନିଆ ଭାରତ ଗସ୍ତରେ ନୂଆଦିଲ୍ଲୀରେ ଆସି ପହଞ୍ଚିଲେ ଜାମାଇକା ପ୍ରଧାନମନ୍ତ୍ରୀ ଡକ୍ଟର ଆଣ୍ଡ୍ରୁ ହୋଲ୍‌ନେସ୍ ।

- ବିହାରରେ ବନ୍ୟା ପରିସ୍ଥିତି ଗମ୍ଭୀର, ଅଧିକ ୧୨ଟି ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ।

- ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତା ମିଥୁନ ଚକ୍ରବର୍ତ୍ତୀ ପାଇବେ ଦାଦାସାହେବ ଫାଲକେ ପୁରସ୍କାର ।

ଏବଂ

- ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନର ଖେଳ ଜାରି, ବାଂଲାଦେଶ ପ୍ରଥମ ଇନିଂସ୍‌ରେ ୨୩୩ ରନରେ ଅଲ୍‌ଆଉଟ୍ ।

# ଜେକେ-ପୋଲ୍ ଆରେଞ୍ଜମେଣ୍ଟ

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନରେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଗ୍ରହଣ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଶାନ୍ତିପୂର୍ଣ୍ଣ ଏବଂ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ଲକ୍ଷ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏହି ପର୍ଯ୍ୟାୟରେ ଆସନ୍ତାକାଲି ୭ଟି ଜିଲ୍ଲାର ୪୦ଟି ବିଧାନସଭା ମଣ୍ଡଳୀ ପାଇଁ ମତଗ୍ରହଣ କରାଯିବ । ସେଥିମଧ୍ୟରେ କାଶ୍ମୀର ଅଞ୍ଚଳର ୧୬ଟି ଏବଂ ଜାମ୍ମୁ ଅଞ୍ଚଳର ୨୪ଟି ବିଧାନସଭା ଆସନ ରହିଛି । ଏହି ପର୍ଯ୍ୟାୟରେ ଅଣଚାଳିଶ ଲକ୍ଷ ୧୮ ହଜାରରୁ ଅଧିକ ଭୋଟର ୪୧୫ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ମତଗ୍ରହଣ ସକାଳ ୭ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ ।

୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଥିବା ଜାମ୍ମୁକାଶ୍ମୀର ବିଧାନସଭା ନିର୍ବାଚନରେ ପ୍ରଥମ ପର୍ଯ୍ୟାୟାରେ ୬୧ପ୍ରତିଶତ ମତଦାତା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୫୬ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ । ଆସନ୍ତା ୮ ତାରିଖ ଦିନ ଭୋଟ୍‌ଗଣତି ସହ ଫଳାଫଳ ଘୋଷଣା କରାଯିବ ।

---

# ଜାମାଇକା ପିଏମ୍ ଭିଜିଟ୍

ଜାମାଇକା ପ୍ରଧାନମନ୍ତ୍ରୀ ଡକ୍ଟର ଆଣ୍ଡ୍ର୍ୟୁ ହୋଲ୍‌ନେସ୍ ଆଜିଠାରୁ ୪ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଜାମାଇକା ପ୍ରଧାନମନ୍ତ୍ରୀଙ୍କୁ ବିମାନ ବନ୍ଦରରେ

ସ୍ୱାଗତ କରିଥିଲେ । ଜାମାଇକା ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଭାରତ ଗସ୍ତ । ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଡକ୍ଟର ହୋଲ୍‌ନେସ୍ ଭାରତରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜାମାଇକା ପ୍ରତିପକ୍ଷ ବିଭିନ୍ନ ବହୁପକ୍ଷୀୟ ବୈଠକ ଅବସରରେ ଅନେକଥର ପରସ୍ପର ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ହୋଲ୍‌ନେସ୍ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନା କରିବେ । ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ସହ ମଧ୍ୟ ତାଙ୍କର ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଜାମାଇକା ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ ଦ୍ୱିପାକ୍ଷିକ ସହଯୋଗକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ଆଶା କରାଯାଉଛି ।
ଭାରତ ଓ ଜାମାଇକା ମଧ୍ୟରେ ଦୃଢ଼ ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ରହିଛି । ପ୍ରଧାନମନ୍ତ୍ରୀ ଡକ୍ଟର ହୋଲ୍‌ନେସ୍‌ଙ୍କ ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ଅର୍ଥନୈତିକ ସହଯୋଗ ବୃଦ୍ଧି କ୍ଷେତ୍ରରେ ସହାୟକ ହେବ ବୋଲି ଆଶା କରାଯାଉଛି ।

---

## ବିହାର-ବନ୍ୟା

ବିହାରରେ ବନ୍ୟା ପରିସ୍ଥିତି ଭୟଙ୍କର ସ୍ଥିତିଆଡକୁ ଗତି କରୁଥିବାରୁ ରାଞ୍ଚି ଏବଂ ବାରାଣାସୀରେ ଏନ୍.ଡି.ଆର୍.ଏଫ୍‌ର ୬ଟି ଅତିରିକ୍ତ ଦଳକୁ ମୁତୟନ କରାଯାଇଛି । ଅତିରିକ୍ତ ଟିମ୍‌ଗୁଡ଼ିକ ବନ୍ୟା ପ୍ରଭାବିତ ଅଞ୍ଚଳରେ ମୁତୟନ ଥିବା ୧୨ଟି ଏନ୍.ଡି.ଆର୍.ଏଫ୍ ଦଳ ୨୨ଟି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ ସହ କାର୍ଯ୍ୟ କରିବ । କୃଷି ଏବଂ ଗଣ୍ଡକ ନଦୀରୁ ପାଣି ଛଡାଯିବା ପରେ ଆଜି ସେଠାକାର ଅନେକଗୁଡ଼ିଏ ନଦୀରେ ବନ୍ୟାଜଳ ପହଞ୍ଚିବ ବୋଲି ଜଣାପଡିଛି । ନଦୀବନ୍ଧରେ ଫାଟ ସୃଷ୍ଟି ହୋଇଥିବା

ଜଣାପଡିବା ପରେ ପାଣି ଛଡାଯାଇଛି ଏବଂ ଏଥିଯୋଗୁଁ ପଶ୍ଚିମ ଚମ୍ପାରଣ, ସୀତାମଢ଼ି, ଦରଭଙ୍ଗା ଏବଂ ଶିବହରର ଅନେକଗୁଡ଼ିଏ ଗାଁ ପ୍ରଭାବିତ ହୋଇଛି । ପଶ୍ଚିମ ଚମ୍ପାରଣ, ପୂର୍ବ ଚମ୍ପାରଣ, ଗୋପାଳଗଞ୍ଜ, ସୁପୌଲ, ମଧୁବନୀ, ସହର୍ଷା, ସୀତାମଢ଼ି, ଶିବହର ସମେତ ୧୬ଟି ଜିଲ୍ଲା ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛି ।

ଗଣ୍ଡକ, କୋଷି, ବାଗମତି, କମଳାବାଲାନ ଏବଂ ମହାନଦୀରେ ବନ୍ୟାଜଳ ପରିମାଣ ଅତ୍ୟଧିକ ବୃଦ୍ଧି ପାଇବା ଫଳରେ ନଦୀବନ୍ଧରେ ଫାଟ ସୃଷ୍ଟି ହୋଇଛି । ସେଠାକାର ଜଳ ସମ୍ପଦ ବିଭାଗ ଫାଟ ସୃଷ୍ଟି ହୋଇଥିବା ବନ୍ଧ ଗୁଡ଼ିକର ମରାମତି କାର୍ଯ୍ୟ ଆରମ୍ଭ କରିଛି । ବିଭାଗୀୟ ମୁଖ୍ୟ ସଚିବ ସନ୍ତୋଷ କୁମାର ମଲ୍ଲ କହିଛନ୍ତି ବନ୍ଧଗୁଡ଼ିକୁ ସୁରକ୍ଷା ଦେବାଲାଗି ୨୪ଘଣ୍ଟିଆ ସୁରକ୍ଷାକର୍ମୀ ମୁତୟନ କରାଯାଇଛି ।

ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ପ୍ରଭାବିତ ଲୋକମାନଙ୍କୁ ବିଭିନ୍ନ ସ୍ଥାନରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବା ସୂଚନା ମିଳିଛି ।

ଏହି ପରିସ୍ଥିତିର ମୁକାବିଲା ପାଇଁ ବିହାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଛନ୍ତି । ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଇ ଗତକାଲି ପାଟ୍‌ନାଠାରେ ପରିସ୍ଥିତିର ସମୀକ୍ଷା କରିଥିଲେ । ପରିସ୍ଥିତି ନେଇ ବିହାର କର୍ତ୍ତୃପକ୍ଷଙ୍କ ସହ କେନ୍ଦ୍ର ନିରନ୍ତର ଯୋଗାଯୋଗରେ ରହିଛି । ଆବଶ୍ୟକ ପଡିଲେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟରେ ବାୟୁସେନାର ସହଯୋଗ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ରାଇ ସୂଚନା ଦେଇଛନ୍ତି ।

## ନେପାଳ-ବନ୍ୟା

ନେପାଳରେ ଲଗାତର ବର୍ଷାଜନିତ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ୧୯୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୦ଜଣ ନିଖୋଜ ଅଛନ୍ତି । ସେଠାକାର ଗୃହ ମନ୍ତ୍ରଣାଳୟ ମୁଖପାତ୍ର ଋଷିରାମ ତିଓ୍ୱାରି କହିଛନ୍ତି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବିଭିନ୍ନ ଘଟଣାରେ ୯୪ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଏପର୍ଯ୍ୟନ୍ତ ବନ୍ୟା ପ୍ରଭାବିତ ଅଞ୍ଚଳରୁ ୪ହଜାର ୫୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବାବେଳେ ପ୍ରଭାବିତମାନଙ୍କୁ ମାଗଣା ସହାୟତା ଯୋଗାଇ ଦିଆଯାଉଛି ।

---

## ଶାହା-ଖଡଗେ

ଜାମ୍ମୁ-କାଶ୍ମୀରରେ ଏକ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଦେଇଥିବା ମନ୍ତବ୍ୟକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅପମାନଜନକ ବୋଲି କହିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ଏହି ମାମଲାରେ ଶ୍ରୀ ଖଡଗେ ତାଙ୍କ ଦଳର ଅନ୍ୟ ନେତାଙ୍କୁ ପଛରେ ପକାଇ ଦେଇଛନ୍ତି । ସେ କହିଛନ୍ତି ଶ୍ରୀ ଖଡଗେ ଅନାବଶ୍ୟକ ଭାବେ ଶ୍ରୀ ମୋଦୀଙ୍କୁ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଘଟଣାରେ ତାଙ୍କୁ କ୍ଷମତାରୁ ହଟାଇବା ବିଷୟ କହିଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କଂଗ୍ରେସର ଲୋକମାନେ କେତେକ ଘୃଣା କରନ୍ତି ଓ ଭୟ କରନ୍ତି ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି । ସେମାନେ ସବୁବେଳେ ପ୍ରଧାନମନ୍ତ୍ରୀଙ୍କ ବିଷୟରେ ହିଁ ଚିନ୍ତା କରୁଛନ୍ତି । ଶ୍ରୀ ଶାହା କହିଛନ୍ତି ଯଦି ଶ୍ରୀ ଖଡଗେଙ୍କ ସ୍ୱାସ୍ଥ୍ୟ ବିଷୟ କଥା କୁହାଯାଏ ତା'ହେଲେ ଶ୍ରୀ ମୋଦୀଙ୍କ ସମେତ ସମସ୍ତେ ପ୍ରାର୍ଥନା

କରୁଛନ୍ତି ଯେ ଶ୍ରୀ ଖଡଗେ ସୁସ୍ଥ ଏବଂ ଦୀର୍ଘାୟୁ ହୁଅନ୍ତୁ ଏବଂ ୨୦୪୭ ବିକଶିତ ଭାରତ ଦେଖନ୍ତୁ ।

ଗତକାଲି ଜାମ୍ମୁର ଯଶରୋଟାରେ ଏକ ନିର୍ବାଚନୀ ର୍‍ୟାଲି ସମୟରେ ଶ୍ରୀ ଖଡଗେ ଅଚାନକ ମୂର୍ଚ୍ଛା ଚାଲିଯାଇଥିଲେ । କିଛିସମୟ ପରେ ସେ ପୁନର୍ବାର ନିଜ ସମ୍ବୋଧନରେ କହିଥିଲେ ଯେପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କ୍ଷମତାରୁ ହଟାଇ ନଦେବେ ତା' ପୂର୍ବରୁ ସେ ମରିବେ ନାହିଁ ।

---

## ଶ୍ରୀଲଙ୍କା ଏୟାରଲାଇନ୍ସ

ଶ୍ରୀଲଙ୍କା ଏୟାରଲାଇନ୍ସରୁ ଶ୍ରୀଲଙ୍କା ସରକାର ନିଜର ଭାଗ ଫେରସ୍ତ ନେବେନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି । ସେଠାକାର ସ୍ଥାନୀୟ ଗଣମାଧ୍ୟମ, ନ୍ୟାସନାଲ ପିପୁଲ୍ସ ପାଓ୍ୱାର, ଆର୍ଥିକ ପରିଷଦର ଅଧ୍ୟକ୍ଷ ପ୍ରଫେସର ଅନୀଲ ଜୟନ୍ତାଙ୍କ ଉକ୍ତିକୁ ଉଦ୍ଧାର କରି କହିଛି, ସରକାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ କାର୍ଯ୍ୟକୁ ଗୁରୁତ୍ୱ ଦେବା ଦୃଷ୍ଟିରୁ ରାଷ୍ଟ୍ରୀୟ ଏୟାର ଲାଇନ୍ସକୁ କାର୍ଯ୍ୟକ୍ଷମ ରଖିବା ଉପରେ ବିଶ୍ୱାସ କରନ୍ତି ।

ପୂର୍ବ ସରକାର ଶ୍ରୀଲଙ୍କା ଏୟାରଲାଇନ୍ସକୁ ବିକ୍ରି କରିବାକୁ ଯୋଜନା କରିଥିଲେ । ସେଥିପାଇଁ ୬ଟି କମ୍ପାନୀ ଆବେଦନ କରିଥିବା କୁହାଯାଇଛି ।

ଆନ୍ତର୍ଜାତୀକ ମୁଦ୍ରା ପାଣ୍ଠି ଆଇ.ଏମ୍.ଏଫ୍ ଗତବର୍ଷ ଶ୍ରୀଲଙ୍କାକୁ ୨ ଦଶମିକ ୯ ବିଲିୟନ ଡଲାରର ବେଲ୍‌ଆଉଟ୍ ପ୍ୟାକେଜକୁ ସ୍ୱୀକୃତି ଦେଇଥିଲା ଏବ ଂ ସେଥିରେ ଶ୍ରୀଲଙ୍କା ଏୟାର ଲାଇନ୍ସର ପୁର୍ନଗଠନ ହେବ ବୋଲି କୁହାଯାଇଥିଲା ।

---

## ମିଥୁନ-ଦାଦାସାହେବ ଫାଲକେ

ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରାଯିବ । ଆସନ୍ତା ମାସରେ ହେବାକୁ ଥିବା ୭୦ତମ ରାଷ୍ଟ୍ରୀୟ ଚଳଚ୍ଚିତ୍ର ପୁରସ୍କାର ମହୋତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି କୋଲକାତାର ରାସ୍ତାରୁ ଆରମ୍ଭ କରି ଚଳଚ୍ଚିତ୍ର ଜଗତର ଶୀର୍ଷସ୍ଥାନରେ ପହଞ୍ଚିଥିବା ମିଥୁନ ଦା'ଙ୍କ ସଂଘର୍ଷ ଓ ଉପଲବ୍ଧିର କଥା ପରବର୍ତ୍ତୀ ପିଢ଼ୀକୁ ପ୍ରେରଣା ଯୋଗାଇବ । ସେ କହିଛନ୍ତି ଭାରତୀୟ ଚଳଚ୍ଚିତ୍ର ଜଗତରେ ମିଥୁନ ଚକ୍ରବର୍ତ୍ତୀଙ୍କ ଅବଦାନ ଅତୁଳନୀୟ । ସେଥିପାଇଁ ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି । ପୁରସ୍କାର ଘୋଷଣା ପରେ ଅଭିନେତା ମିଥୁନ ଚକ୍ରବର୍ତ୍ତୀ ସମ୍ବାଦଦାତାମାନଙ୍କୁ କହିଛନ୍ତି ସେ ଏହି ପୁରସ୍କାର ନିଜ ପରିବାର ଓ ସମର୍ଥକଙ୍କୁ ସମର୍ପିତ କରୁଛନ୍ତି ।

---

## ଶ୍ରୀଲଙ୍କା-ନିର୍ବାଚନ

ଶ୍ରୀଲଙ୍କା ସରକାର ଚଳିତବର୍ଷ ନଭେମ୍ବରରେ ହେବାକୁ ଥିବା ସାଧାରଣ ନିର୍ବାଚନ ନିମନ୍ତେ ଆବଶ୍ୟକ ପାଣ୍ଠି ମଞ୍ଜୁର କରିଛି । ସେଠାକାର ନିର୍ବାଚନ ଆୟୋଗ ସମନ ଶ୍ରୀ ରତ୍ନାୟକେ ସମ୍ବାଦଦାତାମାନଙ୍କୁ କହିଛନ୍ତି ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ଆସନ୍ତା ସାଧାରଣ ନିର୍ବାଚନ ଖର୍ଚ୍ଚ ନିମନ୍ତେ ୧୧ ବିଲିୟନ ଶ୍ରୀଲଙ୍କା ମୁଦ୍ରା ମଞ୍ଜୁର କରିଛନ୍ତି । ନିର୍ବାଚନ କମିଶନ ଶ୍ରୀଲଙ୍କାରେ ହୋଇଥିବା ରାଷ୍ଟ୍ରପତି

ନିର୍ବାଚନ ନିମନ୍ତେ ୧୦ ବିଲିୟନ ଶ୍ରୀଲଙ୍କା ମୁଦ୍ରା ଖର୍ଚ୍ଚ ହୋଇଥିବା କହିଛନ୍ତି ।

ଇତିମଧ୍ୟରେ ଶ୍ରୀଲଙ୍କାର ସାଧାରଣ ନିର୍ବାଚନ ପାଇଁ ଆସନ୍ତାକାଲିଠାରୁ ଅକ୍ଟୋବର ୮ ତାରିଖ ପର୍ଯ୍ୟନ୍ତ ଡାକଯୋଗେ ମତଦାନ ନିମନ୍ତେ ଆବେଦନ ପତ୍ର ଗ୍ରହଣ କରାଯିବ । ଅକ୍ଟୋବର ୪ରୁ ୧୧ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରାଯିବ ବୋଲି ଜଣାପଡିଛି । ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ସଂସଦ ଭଙ୍ଗ କରିବା ପରେ ନଭେମ୍ବର ୧୪ରେ ନିର୍ବାଚନ ଲାଗି ଘୋଷଣା କରିଥିଲେ ।

## ଭାରତ-ବାଂଲାଦେଶ ଟେଷ୍ଟ ମ୍ୟାଚ୍

କାନପୁରର ଗ୍ରୀନ୍ ପାର୍କରେ ଚାଲିଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ଆଜି ଚତୁର୍ଥ ଦିନର ଖେଳ ଜାରି ରହିଛି । ୩ୱିକେଟ୍‌ରେ ୧୦୭ରନ୍‌ରୁ ଖେଳ ଆରମ୍ଭ କରିଥିବା ବାଂଲାଦେଶ ଆଜି ସମସ୍ତ ୱିକେଟ୍ ହରାଇ ୨୩୩ରନ୍ ସ୍କୋର କରିଛି । ଏବେ ଭାରତ ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଭାରତ ୬ ଓଭରରେ ଗୋଟିଏ ୱିକେଟ୍ ହରାଇ ୬୬ ରନ୍ କରିଛି ।

ସୂଚନାଯୋଗ୍ୟ ପ୍ରବଳ ବର୍ଷା ଯୋଗୁଁ ପ୍ରଥମ ଦିନର ଖେଳ ଅଧାରୁ ବନ୍ଦ ରହିବା ପରେ ଦ୍ୱିତୀୟ ଏବଂ ତୃତୀୟ ଦିନ ଖେଳ ସମ୍ଭବ ହୋଇପାରିନଥିଲା ।

ଚେନ୍ନାଇଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ୨୮୦ରନ୍‌ରେ ବାଂଲାଦେଶକୁ ପରାସ୍ତ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।

# ହକି-କନିଷ୍ଠ ମହିଳା ଚାମ୍ପିୟନସିପ୍

ହକି ଭାରତ କନିଷ୍ଠ ମହିଳା ଜାତୀୟ ଚାମ୍ପିୟନସିପ୍ ୨୦୨୪ର ଚତୁର୍ଦ୍ଦଶ ସଂସ୍କରଣ ଆଜିଠାରୁ ଝାଡ଼ଖଣ୍ଡର ରାଞ୍ଚିଠାରେ ଆରମ୍ଭ ହେଉଛି । ଏଥିରେ ୨୬ଟି ଦଳ ଅଂଶଗ୍ରହଣ କରୁଛନ୍ତି । ପ୍ରତ୍ୟେକ ଗ୍ରୁପ୍‌ର ଶୀର୍ଷ ତାଲିକାଭୁକ୍ତ ଦଳ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନିତ ହେବେ । ୭ ତାରିକରେ କ୍ୱାର୍ଟର ଫାଇନାଲ ଏବଂ ୯ ତାରିଖରେ ସେମିଫାଇନାଲ ମ୍ୟାଚ୍ ଖେଳାଯିବ । ଚାମ୍ପିୟନସିପ୍‌ର ଫାଇନାଲ ମ୍ୟାଚ୍ ଆସନ୍ତା ୧୦ ତାରିଖରେ ଅନୁଷ୍ଠିତ ହେବ ।